# ପିଲାଙ୍କ ଧରିତ୍ରୀ


ଶନିବାର, ୧୯ ଜାନୁୟାରୀ, ୨୦୧୯





ଆସ ଜାଣିବା ୩





୬ ସୃଜନାତ୍ମକ କଳା

୭ ଜଣା -ଅଜଣା





୮ ଆଇନା



# ଖ ଲି ଖ ଲି ହସ

ରାଜୁ: ସାର୍,ମୋର କିଛି ମନେ ରହୁନି।
ଶିକ୍ଷକ: ଆଚ୍ଛା,ରାଜୁ ତୁମକୁ କେବେ ମାଡ ହୋଇଥିଲା ମନେଅଛି ?
ରାଜୁ: ହଁ, ସାର୍ , ସୋମବାର
ଶିକ୍ଷକ: ଏ କେମିତି ମନେ ରହିଗଲା।
ରାଜୁ: ସାର୍ ପ୍ରାକ୍ଟିକାଲ୍ ମନେ ରହୁଛି ହେଲେ ଥିଓରି ନୁହେଁ।

ନନ୍ଦୁ ବାହାରୁ ଦୌଡି ଆସି ତା ମା'କୁ କହିଲା–ମା' ବାହାରେ ଜଣେ ଠିଆ ହୋଇଛନ୍ତି, ସେ କହିଲେ ୪୦୦ଟଙ୍କା ଦେଇ ତୁମେ ଜୀବନସାରା ବସିକି ଖାଇବ।
ମା ପୁଅର କଥା ଶୁଣି ବାହାରକୁ ଆସି ଦେଖିଲା ବେଳକୁ କହିଲେ ଏଠି ତ କେହି ନାହାଁନ୍ତି।
ନନ୍ଦୁ: ହେଇଟି ଅନାଅ ମା' ସେ ଯେଉଁ ବ୍ୟକ୍ତି ହାତରେ ଚେୟାର ଧରିଛନ୍ତି।

(ମା–ପୁଅ ମଧ୍ୟରେ କଥାବାର୍ତ୍ତା)
ମା: ପୁଅ ଟିକେଟ୍ ଲଗାଇ ଚିଠିଟା ଲେଟର ବକ୍ସରେ ପକାଇ ଦେଇ ଆସିଲୁ ତ ?
ପୁଅ: ମା, ତା'ର ଆବଶ୍ୟକତା ନ ଥିଲା,ଲେଟର ବକ୍ସ ପାଖରେ କେହି ନଥିଲେ। ମୁଁ ସେଥିପାଇଁ ଚିଠିରେ ଟିକେଟ୍ ନ ମାରି ଡାକ ବାକ୍ସରେ ପକାଇ ଦେଇଛି।

## ମତାମତ

➢ପୃଷ୍ଠା ୨ର ଗପ ସ୍ତମ୍ଭରେ ପ୍ରକାଶିତ 'ଗୁହାରି ଶୁଣିଲେ ଜିଲାପାଳ' ବେଶ୍ ଶିକ୍ଷଣୀୟ ଥିଲା। କୁନି କୁନି ପିଲାଙ୍କ ସାହସ କିପରି ପରିସ୍ଥିତି ବଦଳାଇଦେଲା ଜାଣିବାକୁ ମିଳିଲା।
– ଅଙ୍କିତା ଦାସ, ନରେନ୍ଦ୍ରପୁର, ଗଞ୍ଜାମ

➢ବିଭିନ୍ନ ସ୍ଥାନରେ କିପରି ଗୁଡି ପର୍ବ ପାଳିତ ହୁଏ ଜାଣିବାକୁ ପାଇଲି। 'କହିଲ ଦେଖି'ରେ ଥିବା ପ୍ରଶ୍ନର ଉତ୍ତର ଦେବାକୁ ମଜା ଲାଗୁଛି।
– ରଶ୍ମିତା ସାହୁ, ପାଟଣାଗଡ, ବଲାଙ୍ଗୀର

➢ଜଣା ଅଜଣା ପୃଷ୍ଠାଟି ନୂଆ ନୂଆ ତଥ୍ୟ ଦେବାରେ ବେଶ୍ ସହାୟକ ହେଉଛି। ଆହୁରି ତଥ୍ୟ ପ୍ରକାଶ କରିବାକୁ ଅନୁରୋଧ।
– ମଳୟ ରଞ୍ଜନ ବେହେରା, ନିରାକାରପୁର, ପୁରୀ

➢ପିଲାଙ୍କ ଧରିତ୍ରୀର ପ୍ରତିଟି ପୃଷ୍ଠା ବେଶ୍ ସୁନ୍ଦର ଲାଗୁଛି। ଏମିତି ଅନେକ ରୋଚକ ତଥ୍ୟ ପ୍ରତିଥର ଦେବାକୁ ଅନୁରୋଧ କରୁଛି।
– ଯୋଗେଶ ମହାପାତ୍ର, ପ୍ରୀତିପୁର, ଯାଜପୁର

# ଅନୁକରଣ

ଗପ



କଥାରେ ଅଛି ନକଲରେ ଅକଲ ନଥାଏ। ଏହା ଏକଦମ୍ ସତ, ନକଲ କରୁଥିବା ଲୋକ କିଛି କାମ କଲାବେଳେ ନିଜର ବୁଦ୍ଧି ବା ଅକଲ ଖଟାଏ ନାହିଁ। ଅନ୍ୟ କେହି କରୁଥିବା କିଛି କାମକୁ ଅନ୍ଧ ଭାବରେ ଅନୁକରଣ କରେ। ସେଇଥିପାଇଁ ଅନେକ ସମୟରେ ଏହାର ଫଳ ବିଚିତ୍ର ହୋଇଥାଏ। ଏହାକୁ ନେଇ ରହିଛି ଅନେକ କାହାଣୀ । ଏମିତି ଗୋଟିଏ ହେଲା ଜଣେ ଜାପାନୀ ଦରଜୀଙ୍କ ବିଷୟରେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ପରମାଣୁ ବୋମା ମାଡ଼ରେ ଜାପାନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏଣୁ ଏହା ଆମେରିକାର ବଶତା ସ୍ୱୀକାର କରିଥିଲା। ତେବେ ଏହା ପରେ ପରେ ସେମାନଙ୍କ ମଧ୍ୟରେ ଭଲ ସମ୍ପର୍କ ବଢ଼ିଲା। ଅନେକ ଆମେରିକାବାସୀ ଜାପାନ ଆସିଲେ ଭ୍ରମଣରେ।

ଥରେ ସେହି ପର୍ଯ୍ୟଟକଙ୍କ ଭିତରୁ ଜଣେ କୋଟ୍‌ଟିଏ ବନେଇବା ପାଇଁ ଚାହିଁଲେ। ଏଣୁ ସେ ଗୋଟିଏ ଦରଜୀ ପାଖକୁ ଗଲେ। ତା' ପାଖରୁ ବାଛି ବାଛି ଭଲ କପଡ଼ାଟିଏ ନେଲେ ଓ ସେଥିରେ କୋଟ୍ ବନାଇବାକୁ କହିଲେ। ମାପ ସ୍ୱରୂପ ସେ ତାକୁ ଦେଇଗଲେ ତାଙ୍କ ପୁରୁଣା କୋଟ୍‌ଟି ଏବଂ କହିଲେ ''ଠିକ୍ ଏହିଭଳି କୋଟ୍‌ଟିଏ ତିଆରି କରିବାକୁ'' ଦରଜୀ ମୁଣ୍ଡ ଟୁଙ୍ଗାରି ହଁ ଭରିଲା ଏବଂ ଦୁଇଦିନ ପରେ ଆସି ତାହା ନେଇଯିବାକୁ କହିଲା।

ଆମେରିକୀୟ ଜଣକ ନିର୍ଦ୍ଧାରିତ ଦିନ ଦରଜୀ ପାଖକୁ ଗଲେ ତାକୁ ତା ପ୍ରାପ୍ୟ ଦେଇ କୋଟ୍‌ଟି ଆଣିଲେ। ତାହା କିପରି ଲାଗୁଛି ପରୀକ୍ଷା କରିବା ପାଇଁ ତାକୁ ସଙ୍ଗେ ସଙ୍ଗେ ପିନ୍ଧି ପକାଇଲେ।

ସେ ଦେଖିଲେ ଯେ କୋଟ୍‌ଟି ଭାରି ବଢିଆ ହୋଇଛି। ତେବେ ସେଥିରେ ଗୋଟିଏ ଜିନିଷ ତାଙ୍କୁ ଭାରି ବିଚିତ୍ର ମନେ ହେଲା। ତାହା ଥିଲା, କୋଟ୍‌ର ଡାହାଣପଟ ପକେଟ ଉପରେ ଥିବା ଏକ ସିଲେଇ ଦାଗ।

''ଏଇଟି କ'ଣ'' ? ବୋଲି ସେ ଦରଜୀକୁ ପଚାରିଲେ। ଦରଜୀ ସଙ୍ଗେ ସଙ୍ଗେ ଜବାବ ଦେଲା ''ଆପଣ ଦେଇଥିବା ପୁରୁଣା କୋଟ୍‌ର ପକେଟ୍‌ରେ ଏହିଭଳି ଦାଗଟିଏ ଅଛି। ଆପଣ କହିଥିଲେ ଯେ ଠିକ୍ ସେହିଭଳିଆ ନୂଆ କୋଟ୍‌ଟିଏ ବନାଇବାକୁ। ତେଣୁ ମୁଁ ତା' ପକେଟ୍‌କୁ କାଟି ସିଲେଇ କରି ଦେଇଛି।''

ପ୍ରକୃତରେ ଆମେରିକୀୟଙ୍କ ପୁରୁଣା କୋଟ୍‌ର ଗୋଟିଏ ପକେଟ୍ ଚିରିଯାଇଥିଲା। ଏଣୁ ସେ ତାହାକୁ ମରାମତି କରିଥିଲେ। ଦରଜୀଟି ନିଜର ବୁଦ୍ଧି ବୃତ୍ତି ନ ଖଟାଇ ତାକୁ ହିଁ ଅନୁକରଣ କରି ନୂଆ କୋଟ୍‌ଟି ବନେଇଥିଲା। ଏହା ଥିଲା ଅନ୍ଧ ଅନୁକରଣର ଏକ ନମୁନା।

ଆମେରିକୀୟ ଜଣଙ୍କ କୋଟ୍‌ଟି ନେଲେ। ଦରଜୀର ନିର୍ବୁଦ୍ଧିଆ ଅନୁକରଣ ଉପରେ ବହେ ହସିଲେ। ତେବେ, ସେ ତାକୁ ବରାଦ ଦେଲେ ଆଉ ଗୋଟିଏ କୋଟ୍ ବନାଇବା ପାଇଁ ଏବଂ ତାକୁ ବୁଝେଇ ଦେଲେ ଯେ ତା' ପକେଟ ଚିରି ଆଉ ଥରେ ସିଲେଇ ନ କରିବାକୁ।

–କନକଲତା ପରିଡ଼ା

*ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର–୩୦*

## ବିନ୍ଦୁ ଯୋଡ଼




## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




## ଆସ ଜାଣିବା

# ବିଦେଶାଗତ ପକ୍ଷୀଙ୍କ ସମାଗମ

ଶୀତଋତୁ ଆଗମନରେ ଭାରତର ବିଭିନ୍ନ ସ୍ଥାନରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥାଏ। ଏହି ଋତୁରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଶୀତର ପ୍ରକୋପ ଅଧିକ ଥିବା ହେତୁ ପକ୍ଷୀମାନେ ହଜାର ହଜାର ମାଇଲ ଅତିକ୍ରମ କରି ଅପେକ୍ଷାକୃତ ଉଷ୍ମ ସ୍ଥାନକୁ ଉଡ଼ିଆସନ୍ତି। ତେବେ ବିଦେଶାଗତ ଏହି ପକ୍ଷୀମାନଙ୍କ ସ୍ଥାନାନ୍ତର ହେବାର ବିଭିନ୍ନ କାରଣ ମଧ୍ୟ ରହିଛି। ଖାଦ୍ୟ ଅନ୍ୱେଷଣ, ବାସସ୍ଥାନର ଅଭାବ, ଜଳବାୟୁ ପରିବର୍ତ୍ତନ ଆଦି କାରଣ ହେତୁ ପକ୍ଷୀମାନେ ଏହି ପ୍ରକ୍ରିୟା ଆପଣେଇଥାନ୍ତି...

**ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହେଉଥିବା ଭାରତର ପ୍ରମୁଖ ଅଭୟାରଣ୍ୟ–**

. ଭରତପୁର– ରାଜସ୍ଥାନ
. ଚିଲିକା – ଓଡ଼ିଶା
. ସୁଲତାନପୁର – ଗୁର୍‌ଗାଁଓ
. କୁମାରକୋମ – କେରଳ
. ନଳ ସରୋବର– ଗୁଜରାଟ
. ସଲିମଅଲ୍ଲୀ ପକ୍ଷୀ ଅଭୟାରଣ୍ୟ– ଗୋଆ
. ମୟାନୀ ପକ୍ଷୀ ଅଭୟାରଣ୍ୟ– ମହାରାଷ୍ଟ୍ର

**ଶୀତଋତୁରେ ଭାରତକୁ ଆସୁଥିବା କେତେକ ବିଦେଶାଗତ ପକ୍ଷୀ–**

### ସାଇବେରିଆନ କ୍ରେନ୍

ରଙ୍ଗ–ଧଳା ଏବଂ ଡେଣାରେ କଳା ରଙ୍ଗର ପର
ବାସସ୍ଥଳୀ– ସାଇବେରିଆ

### ଗ୍ରେଟର ଫ୍ଲେମିଙ୍ଗୋ

ରଙ୍ଗ– ଧଳା ଏବଂ ଗୋଲାପି ଶରୀର
ବାସସ୍ଥଳୀ– ଆଫ୍ରିକା, ଦକ୍ଷିଣ ୟୁରୋପ ଓ ଏସିଆ

### ରଫ୍

ରଙ୍ଗ– ଧଳା ଓ ଧୂସର ବା ଧଳା ଏବଂ କଳା ରଙ୍ଗ ଛିଟ ଶରୀର
ବାସସ୍ଥଳୀ–ୟୁରୋପ, ଆଫ୍ରିକା, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା

### ବ୍ଲାକ୍ ୱିଙ୍ଗ୍‌ଡ୍ ଷ୍ଟିଲ୍ଟ

ରଙ୍ଗ– କଳାରଙ୍ଗର ଡେଣା, ଧଳାରଙ୍ଗର ଶରୀର
ବାସସ୍ଥଳୀ– ୟୁରୋପ, ଅଷ୍ଟ୍ରେଲିଆ, ଆମେରିକା ଓ ଦକ୍ଷିଣ ପୂର୍ବ ଏସିଆ

### କମନ ଗ୍ରିନ୍‌ସାଙ୍କ

ରଙ୍ଗ– ଧଳା ଏବଂ ଧୂସର ବା ଧଳା ଓ ମାଟିଆ ରଙ୍ଗ ଛିଟ ଶରୀର
ବାସସ୍ଥଳୀ– ଉତ୍ତର ସ୍କଟ୍‌ଲାଣ୍ଡ, ଉତ୍ତର ୟୁରୋପ ଏବଂ ଏସିଆ।

### ନର୍ଦ୍ଦନ ପିନ୍‌ଟେଲ

ରଙ୍ଗ– ଚକୋଲେଟ ରଙ୍ଗର ମୁଣ୍ଡ ଏବଂ ଧଳା, କଳା ଓ ବାଦାମୀ ରଙ୍ଗର ଶରୀର
ବାସସ୍ଥଳୀ–ଦକ୍ଷିଣ ୟୁରୋପ ତଥା ଏସିଆ, ପୋଲାଣ୍ଡ, ମଙ୍ଗୋଲିଆ, କାନାଡ଼ା, ଆଲାସ୍କା ଏବଂ ଯୁକ୍ତରାଷ୍ଟ୍ର ଆମେରିକା

### ୟୁରେସିଆନ୍ ଟିଲ୍

ରଙ୍ଗ– ଧୂସର, ବାଦାମୀ ଏବଂ କଳା ଛିଟ ଶରୀର ଏବଂ ଗାଢ଼ମାଟିଆ ଓ ସବୁଜ ରଙ୍ଗର ମୁଣ୍ଡ
ବାସସ୍ଥଳୀ–ଦକ୍ଷିଣ ୟୁରୋପ, ଏସିଆ, ଲଣ୍ଡନ ଏବଂ ଆୟର୍ଲାଣ୍ଡ

### ପର୍ପଲ ହେରୋନ

ରଙ୍ଗ– ଗାଢ଼ ଧୂସର,କଳା ଏବଂ ଗାଢ଼ ମାଟିଆ ରଙ୍ଗର ଶରୀର
ବାସସ୍ଥଳୀ–ୟୁରୋପ, ଏସିଆ ଏବଂ ଆଫ୍ରିକା।

– ଲିପ୍‌ସା ବିଶୋଇ



# ତୁମ ତୂଳୀରୁ

୧

ଅକ୍ଷଦା ସାହୁ
କ୍ଲାସ-୪, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

୨

ଅୟସକାନ୍ତ ପତି
କ୍ଲାସ-୨, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

୩

ବୀରମାରୁତି ପରିଡା
କ୍ଲାସ – ୪, କେନ୍ଦ୍ରୀୟ ବିଦ୍ୟାଳୟ, ବଲାଙ୍ଗୀର

୪

ସମୀକ୍ଷା ମହାପାତ୍ର
କ୍ଲାସ –୧, ଭେଙ୍କଟେଶ୍ୱର ସ୍କୁଲ, ବରମୁଣ୍ଡା, ଭୁବନେଶ୍ୱର

୫

ଶ୍ରେୟାଂସୁ ହୋତା
କ୍ଲାସ –୧, ସାରସ୍ୱତ ବାଲ୍‌ମନ୍ଦିର ସ୍କୁଲ, ଜୟପୁର, କୋରାପୁଟ

୬

ମନିଷା ଘୁସ୍ରୀ
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତେନ୍ତୁଳିଟୁକୁରା, ବରଗଡ

୭

ସୌଦାମିନୀ ରାୟ
କ୍ଲାସ – ୮, ବାଘମୁଣ୍ଡ ଉ.ପ୍ରା. ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୮


ଶ୍ରେୟାଂସ ସାହୁ
କ୍ଲାସ-୨,ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

୯


ତୁଷାର ମିଶ୍ର
କ୍ଲାସ –୪, ଗୌରୀଶଙ୍କର ଇଂରାଜୀ ମିଡିୟମ୍ ସ୍କୁଲ, ଭୁବନେଶ୍ୱର


୧୦

ତସମିୟା କାଦ୍ରି
କ୍ଲାସ –୬, ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ଅପର୍ତ୍ତିବିନ୍ଧା, ଭଦ୍ରକ


୧



୨


୩



୪



୫


୬


୭


୮


୯


୧୦

କବିତା

## ଦେଖିଲୁ ପକ୍ଷୀଙ୍କ ମଜାକୁ

ଚିଲିକା ଭିତରେ ଜାତିଜାତି ପକ୍ଷୀ
ବୁଲୁଥିଲେ କିଏ କୁଆଡ଼େ
କିଏ ଉଡ଼ି ଉଡ଼ି କିଏ ବୁଡ଼ି ବୁଡ଼ି
ଖେଳୁଥିଲେ ଯିଏ ଯୁଆଡ଼େ।
ତାଙ୍କ ପସନ୍ଦର ଖେଳାଖେଳି ବେଳେ
ଚିଲିକା ଯାଉଛି ଚହଲି
ମେଳ ମେଳ ହୋଇ ପାଣିରୁ ଉପର
ଆସନ୍ତି ଟହଲି ଟହଲି।
କିଏ ସାଙ୍ଗସାଥୀ ଏକାଠି କରିକି
ଜାଗା ବାଛିବାଛି ରହୁଛି
କାହାର ପସନ୍ଦ ପାଖ ନଳବଣ
ସେଇଠିକି ଉଡ଼ିଯାଉଛି।
ବିଦେଶୀ ପକ୍ଷୀଙ୍କ ରୂପ ରଙ୍ଗ ଢଙ୍ଗ
ଭୁଲି ହେଉନାହିଁ ମନରୁ
ଆମପରି କେତେ ପର୍ଯ୍ୟଟକ ବୁଲି
ଫେରିଆସୁଥିଲୁ ଦିନରୁ।
ଦିନଯାକ ରହି ଫଟୋ ଉଠେଇଲୁ
ଦେଖିଲୁ ପକ୍ଷୀଙ୍କ ମଜାକୁ
ମାମୁଘର ଫେରି ଯାହା ଦେଖିଥିଲୁ
କହିଲୁ ସେ ସବୁ ଅଜାଙ୍କୁ।

**-ଅରୁଣ ଚନ୍ଦ୍ର ମହାନ୍ତି**
ଛାୟାଲୋକ, ଫ୍ଲାଟ-୧୪୭୧
ପୁରୁଣା ଭୁବନେଶ୍ୱର-୨



## ନ ହୁଅ ସ୍ୱାର୍ଥପର ବନ୍ଧୁ !

ବିଶ୍ୱାସରେ ସବୁ ଚାଲୁଅଛି ବୋଲି
ବିଶ୍ୱାସେ ବନ୍ଧୁ ବାନ୍ଧିଲି
ତୁମ ଚତୁରତା ବୁଝି ପାରିଲିଣି
ନିଜକୁ ନିସ୍ୱ ମଣିଲି।
ବନ୍ଧୁ ବୋଲି ଭାବି ସମ୍ପର୍କ ରଖିଲି
ହସ ହସ ମୁହଁ ଦେଖି
ସ୍ୱାର୍ଥପର ତୁମେ ଜାଣିଲି ପଛରେ
କାର୍ଯ୍ୟ କଳାପକୁ ପରଖି।
କ୍ଷଣ କ୍ଷଣକେ ବଦଳୁଛି ପୃଥିବୀ
ଏ କଥା ମୁଁ ଜାଣି ଥିଲି
ବନ୍ଧୁତ୍ୱ ବିଶ୍ୱାସେ ବିଷ ଢାଳିଲ
ନିଜକୁ ମୁଁ ପଚାରିଲି।
ପରିସ୍ଥିତି ଦେଖି ବାରମାସୀ ପରି
ବଦଳାନ୍ତି ନିଜ ସ୍ଥିତି
ଆଗରେ ପ୍ରିୟ କଥା ପଛରେ ନିନ୍ଦା
ଦେଖାନ୍ତି ଦୋମୁହାଁ ନୀତି।
ବନ୍ଧୁ ଦୁଃଖରେ କୁମ୍ଭୀର କାନ୍ଦଣା
ଖ୍ୟାତ ଅଭିନେତା ପରି
ଯଦି ଉପରକୁ ଉଠିଗଲ ତୁମେ
ଟାଣିବ ଯୋଜନା କରି।
ବନ୍ଧୁ ସାଥେ ଯଦି ପ୍ରତାରଣା କର
ଧରମ ସହିବ ନାହିଁ
ଶାଶୁର ପାଳିଏ ବୋହୂର ପାଳିଏ
ସମସ୍ତେ ଦେଖିବେ ତହିଁ।
କୃଷ୍ଣ ସୁଦାମା ପରି ବନ୍ଧୁ ହୋଇବ
ଦେଖି ଏ ସମାଜ ଶିଖୁ
ଲୋଭ ସ୍ୱାର୍ଥ ମୋହ ଭୁଲିଣ ସବୁକୁ
ଜନତା ବନ୍ଧୁତ୍ୱ ଦେଖୁ।

**-ପୁରୁଷୋତ୍ତମ ସିଂହ ସାମନ୍ତ**
ରାଣୀଗୋଡା,
ପି.ଟି.ସି. ଅନୁଗୋଳ

## କହିଲ ଦେଖି



✲ ମାନବ ହୋଇ ବି ଲୁହାଠୁ ଟାଣ
ଏକତାର ପ୍ରତିମୂର୍ତ୍ତି ସେ ଜାଣ।
ବିଶ୍ୱର ସର୍ବୋଚ୍ଚ ଷ୍ଟାଚ୍ୟୁ ଭାବରେ
ଦଣ୍ଡାୟମାନ ସେ ଗୁଜରାଟରେ।
ଶ୍ରଦ୍ଧାଞ୍ଜଳି ଦେବା ଏ ମହାନର
କହିକି ପାରିବ ନାମ ତାଙ୍କର ?

**-ଲୌହମାନବ ସର୍ଦ୍ଦାର ପଟେଲ**

✲ ଥଣ୍ଡା ପାଣି ଆଉ
ବରଫ ପାଇଁ
ଏଇ ଯନ୍ତ୍ରଗୋଟି
ଲୋଡ଼ା ପଡ଼ଇ
ଆଲମାରି ପରି ଦେହ
ଏଇଟି କଅଣ କୁହ ?



**-ଫ୍ରିଜ୍**



✲ କଲମ ହେଲେ ବି ଧଳା ତା' ସ୍ୟାହି
ଭୁଲ୍ ହେଲେ ଦେଇଥାଏ ଲିଭାଇ
ପାଠୁଆଙ୍କ ପାଖେ ଥାଏ
କୁହ ଦେଖି ଇଏ କିଏ ?

**-କରେକ୍ସନ କଲମ**

✲ ଗୋଟିଏ ଯନ୍ତ୍ରରେ କଥା ଓ ଛବି
ହିସାବ ହୁଅଇ ଆଙ୍ଗୁଠି ଦାବି
ଏବେ ଲୋଡ଼ା ସାଥୀ ଭଳି
ଭିତରେ ଏହାର ଜାଲ ବି ରହିଛି
କାହା ବିନା ନୋହେ ଚଳି ?



**- ମୋବାଇଲ**

## ସୃଜନାତ୍ମକ କଳା



ପିଆଜରେ କଳାକୃତି

ବିନ୍ସରେ କଳାକୃତି


## ଏଥରର ପ୍ରଶ୍ନ ?

- କେଉଁ ନଦୀକୁ ଚାଇନାର ଦୁଃଖ ବୋଲି କୁହାଯାଏ ?
- 'ସିଟି ଅଫ୍ ସେଭେନ୍ ହିଲ୍ସ୍' ଭାବେ କେଉଁ ସହର ଖ୍ୟାତ ?
- କେଉଁ ମହାଦେଶକୁ 'ଡାର୍କ କଣ୍ଟିନେଣ୍ଟ' ବୋଲି କୁହାଯାଏ ?
- କେଉଁ ଦେଶକୁ ନୀଳନଦୀର ଦାନ ବୋଲି କୁହାଯାଏ ?
- 'କଣ୍ଟ୍ରି ଅଫ୍ ମିଡ୍‌ନାଇଟ୍ ସନ୍' ବୋଲି କେଉଁ ଦେଶକୁ କୁହାଯାଏ ?


## ଆର ଥରର ଉତ୍ତର

✲ମାଲାୟାଲାମ୍
✲ କନ୍ନଡ
✲ ତେଲୁଗୁ
✲ ତାମିଲ
✲ ମରାଠୀ

## କେଉଁଟି ଅଲଗା







## ବିଜ୍ଞାନ କଥା

# ଦୁଇଟି କମ୍ବଳ

ମୁନା ଯାତ୍ରା ଦେଖିବା ପାଇଁ ମାମୁ ଘରକୁ ଯାଇଥାଏ। ସେଦିନ ଯାତ୍ରା ଦେଖି ଫେରିବା ବେଳକୁ ବହୁତ ଡେରି ହୋଇଯାଇଥାଏ। ଶୀତ ରାତି। ଖାଇ ସାରି ଶୋଇବା ଘରକୁ ଯାଇ ଦେଖେ ତ ଶେଯରେ ଦୁଇଟା ପତଳା କମ୍ବଳ ପଡିଛି। ସେଦିନ ଭାରି ଥଣ୍ଡା ପଡିଥିବାରୁ ମୁନା କମ୍ବଳ ଦୁଇଟି ବ୍ୟବହାର ନ କରି ପାଖରେ ଥିବା ଗୋଟିଏ ମୋଟା କନ୍ଥା ଘୋଡେଇ ହୋଇ ଶୋଇଲା।

ହେଲେ ଶୀତରୁ ରକ୍ଷା ମିଳିଲା ନାହିଁ। ବାହାରେ ବହୁତ ଥଣ୍ଡା ପଡିଥିବାରୁ ମୁନାକୁ ଭାରି ଶୀତ ଲାଗିଲା। ଥଣ୍ଡାରେ ତାକୁ ଭଲ ନିଦ ହେଲା ନାହିଁ। ସେ ଶୋଇ ନ ପାରି ଖଟରେ ବାରମ୍ବାର କଡ଼ ଲେଉଟାଇଲା।

ରାତି ଅଧ ହୋଇ ସାରିଥାଏ। ଖଟର କଟ୍‌କଟ୍ ଶବ୍ଦ ଶୁଣି ମାମୁ ଶୋଇବା ଘରକୁ ପଶି ଆସି ଦେଖନ୍ତି ତ ମୁନା ନ ଶୋଇ ଚେଇଁଛି। ମାମୁ ଆଶ୍ଚର୍ଯ୍ୟ ହୋଇ ମୁନାକୁ ପଚାରିବାରୁ ଶୀତରେ ତାକୁ ନିଦ ହେଉନାହିଁ ବୋଲି କହିଲା। ମାମୁ କହିଲେ, ମୁଁ ତୋତେ ଘୋଡେଇ ହେବାକୁ ଦୁଇଟା କମ୍ବଳ ଦେଇଥିଲି। ତୁ ସେ ଦୁଇଟିକୁ ଘୋଡେଇ ହୋଇନାହୁଁ କାହିଁକି ?

ମୁନା କହିଲା, ଏତେ ଥଣ୍ଡା ଯେ ମୋଟା କନ୍ଥାଟା ଶୀତ ରଖିପାରୁନି; ପତଳା ପତଳା କମ୍ବଳ ଦୁଇଟା କ'ଣ କାମ ଦେବ ?

ଏ କଥା ଶୁଣି ମାମୁ କହିଲେ, ତୁ ମୋ କଥା ମାନ୍। ତୁ ମୋଟା କନ୍ଥାଟା ଛାଡି ସେ ପତଳା କମ୍ବଳ ଦୁଇଟା ଘୋଡେଇ ହୋଇ ଶୁଅ। କାଲି ମୋତେ କହିବୁ।

ମୁନା ମାମୁଙ୍କ କଥା ମାନି ମୋଟା କନ୍ଥାଟା ଛାଡି ପତଳ କମ୍ବଳ ଦୁଇଟିକୁ ଘୋଡେଇ ହୋଇ ଶୋଇଲା। ମାମୁ ଘରୁ ବାହାରିଗଲେ। କିଛି ସମୟ ଗଲାପରେ ମୁନାକୁ ସତକୁ ସତ ଭାରି ଉଷୁମ ଲାଗିଲା। ଉଷୁମରେ କେତେବେଳେ ନିଦ ହୋଇ ଯାଇଛି ତାକୁ ଜଣାନାହିଁ।

ତା' ପରଦିନ ମାମୁଙ୍କ ଡାକରେ ମୁନା ପ୍ରକୃତିସ୍ଥ ହୋଇ ଉଠିଲା ବେଳକୁ ଚାରିଆଡେ ଖରା ପଡିଲାଣି। ମାମୁ ତାକୁ ଜଲଦି ନିତ୍ୟକର୍ମ ସାରି ଜଳଖିଆ ଖାଇବାକୁ କହିଲେ।

ହେଲେ ମୁନା ମନେ ମନେ ଅନ୍ୟ କ'ଣ ଭାବୁଥାଏ। ତାକୁ ଅନ୍ୟମନସ୍କ ଦେଖି ମାମୁ ଆଉ ଥରେ ଶଯ୍ୟା ତ୍ୟାଗ କରିବାକୁ କହିଲେ। ମୁନା କହିଲା– ଯାଉଛି ମାମୁ! ହେଲେ ତୁମେ ମୋର ସନ୍ଦେହ ପ୍ରଥମେ ଦୂର କର। ମୋତେ କୁହ, ପ୍ରଚଣ୍ଡ ଥଣ୍ଡାକୁ ଯେତେବେଳେ ମୋଟା କନ୍ଥାଟା ରୋକି ପାରିଲାନି, ଦୁଇଟି ପତଳା କମ୍ବଳ କାମ ଦେଲା କିପରି ? ମାମୁ ହସି ହସି ଉତ୍ତର ଦେଲେ, କହୁଛି ଶୁଣ, ଦୁଇଟି ପତଳା କମ୍ବଳ ମଝିରେ ବାୟୁର ଏକ ସ୍ତର ଚାପି ହୋଇ ରହିଥାଏ। ବାୟୁ ତାପର ଏକ ଭଲ କୁପରିବାହୀ ପଦାର୍ଥ। ସୁତରାଂ ଶରୀରର ତାପ ବାୟୁସ୍ତର ଭେଦ କରି ପଦାକୁ ଯାଇପାରେ ନାହିଁ ଏବଂ ଶରୀର ମଧ୍ୟରେ ହିଁ ରହିଯାଏ। ଫଳରେ ଆମକୁ ବେଶ୍ ଉଷୁମ ଓ ଆରାମ ଲାଗେ। ମାତ୍ର ମୋଟା କନ୍ଥା କ୍ଷେତ୍ରରେ ସେପରି ବାୟୁସ୍ତର ନଥିବାରୁ ତାହା ଶରୀରର ଉଷ୍ମତା ଧରି ରଖିବାରେ ସମର୍ଥ ହେଲା ନାହିଁ।

ମାମୁଙ୍କ ଉତ୍ତରରୁ ମୁନା ସବୁ ବୁଝିପାରିଥିଲା। ଏତିକିବେଳେ ମାଈଁଙ୍କ ଡାକ ଶୁଣି ମୁନା ତରତର ହୋଇ ଶଯ୍ୟା ତ୍ୟାଗ କଲା। ହେଲେ ପତଳା କମ୍ବଳ ଦୁଇଟିର ଅସଲ ରହସ୍ୟ ବୁଝିପାରିଥିବାରୁ ତା' ମନ ଭାରି ଖୁସି ଥାଏ ସେଦିନ।


– ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର
ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ
ମୋ: ୮୦୧୮୭୦୮୮୫୮

# ଜଣା ଅଜଣା

### ନାକରୁ ବାହାରିଥାଏ ପାଣି

ଆମେ କାନ୍ଦିଲା ବେଳେ ନାକରୁ ପାଣି ବାହାରିଥାଏ। କାରଣ ଆଖି କୋଣରେ ଥିବା ଛିଦ୍ର ଦେଇ କିଛି ପାଣି ନାକବାଟେ ବାହାରିଥାଏ। ▼





### ▲ ଡଲଫିନ ଗୋଟିଏ ଆଖି ଖୋଲାରଖି ଶୁଏ

ଶତ୍ରୁଠାରୁ ସତର୍କ ରହିବା ଲାଗି ଡଲଫିନ ଗୋଟିଏ ଆଖି ଖୋଲା ରଖି ଶୁଏ। ଏହି ଅବସ୍ଥାରେ ଡଲଫିନ ମସ୍ତିଷ୍କର ଗୋଟିଏ ଅଂଶ କ୍ରିୟାଶୀଳ ମଧ୍ୟ ଥାଏ।

### ସର୍ବାଧିକ ଚକୋଲେଟ ଭକ୍ଷଣକାରୀ ଦେଶ

ସ୍ୱିଜରଲାଣ୍ଡର ଲୋକମାନେ ପୃଥିବୀରେ ସବୁଠାରୁ ଅଧିକ ଚକୋଲେଟ ଖାଇଥାନ୍ତି। ଏଠାରେ ପ୍ରତିବର୍ଷ ଜଣେ ବ୍ୟକ୍ତି ହାରାହାରି ୧୦ କି.ଗ୍ରା ଚକୋଲେଟ ଖାଉଥିବାର ରେକର୍ଡ କରାଯାଇଛି। ▼





### ▲ କୁମ୍ଭୀରର ଜିଭ

କୁମ୍ଭୀରର ଜିଭ ଏହାର ପାଟିର ଉପରି ଭାଗରେ ଲାଗି ରହିଥାଏ। ଏହା କଦାପି ଚଳପ୍ରଚଳ କରେ ନାହିଁ।

### ଆଖି ଖୋଲା ରଖି ଛିଙ୍କିବା ଅସମ୍ଭବ

ଆମେ ଛିଙ୍କିଲା ବେଳେ ଆଖି ବନ୍ଦ ହୋଇଯାଇଥାଏ। କାରଣ ଆଖି ଖୋଲା ରଖି ଛିଙ୍କିବା ପ୍ରାୟ ଅସମ୍ଭବ।



# ଆ ଇ ନା



ଅମ୍ରିତା
୧୩ ବର୍ଷ



ସମ୍ରାଟ
୫ ବର୍ଷ



ଅର୍ପିତା
୧୧ ବର୍ଷ